# Virtual meeting between Minister of State, Ministry of External Affairs and Mr. Frano Matusic, State Secretary for Political Affairs, Croatia

December 24, 2020

## ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏବଂ କ୍ରୋଏସିଆର ରାଜନୈତିକ ବ୍ୟାପାର ରାଷ୍ଟ୍ର ସଚିବ ଶ୍ରୀ ଫ୍ରାନୋ ମ୍ୟାଟୁସିକଙ୍କ ମଧ୍ୟରେ ଭର୍ଚୁଆଲ୍ ବୈଠକ

ଡିସେମ୍ବର 24, 2020

ମାନ୍ୟବର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି ମୁରଲୀଧରନ ନିଜ କ୍ରୋଏସିଆ ପ୍ରତିପକ୍ଷ ବୈଦେଶିକ ଓ ୟୁରୋପୀୟ ବ୍ୟାପାର ମନ୍ତ୍ରଣାଳୟର ରାଜନୈତିକ ବ୍ୟାପାର ରାଷ୍ଟ୍ର ସଚିବ ଶ୍ରୀ ଫ୍ରାନୋ ମ୍ୟାଟୁସିକଙ୍କ ସହିତ 22 ଡିସେମ୍ବର 2020 ରେ ଏକ ଭର୍ଚୁଆଲ୍ ବୈଠକ କରିଥିଲେ। 2021 ରେ ଦ୍ୱିପାକ୍ଷିକ ସହଯୋଗକୁ ନେଇ ବିସ୍ତୃତ କାର୍ଯ୍ୟସୂଚୀ ଏହି ବୈଠକରେ ସ୍ଥିର କରାଯାଇଥିଲା ଯାହାକି 2022 ରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର ତିନି ଦଶନ୍ଧି ପୂର୍ତ୍ତି ପାଳନ ପାଇଁ ତତ୍ତ୍ୱ ଯୋଗାଇବ।

2. କ୍ରୋଏସିଆର ରାଷ୍ଟ୍ର ସଚିବ ଏବଂ ଭାରତର ରାଷ୍ଟ୍ରମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହଯୋଗ ପାଇଁ ବିଶେଷକରି କୋଭିଡ-19 ମହାମାରୀ ଏବଂ ଆଗାମୀ ଦିନରେ ବିଶ୍ୱ ସମ୍ମୁଖୀନ ହେବାକୁ ଥିବା ଆହ୍ୱାନ ପରିପ୍ରେକ୍ଷୀରେ ମତ ବିନିମୟ କରିଥିଲେ। ଔଷଧ ଉଦ୍ୟୋଗ ଏବଂ ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଅନୁସନ୍ଧାନ ଏବଂ ବିକାଶ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ଉତ୍ତମ ସହଯୋଗକୁ ଦୃଷ୍ଟିରେ ରଖି ମନ୍ତ୍ରୀମାନେ ପରସ୍ପର ହିତରେ ଏହି କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ଆଲୋଚନା କରିଥିଲେ।

3. ଡିଜିଟାଲ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ହେଉଛି ସହଯୋଗର ଅନ୍ୟ ଏକ କ୍ଷେତ୍ର ଯାହା ଏହି ମହାମାରୀ ନଜରକୁ ଆଣିଛି। ଏହି ବିଷୟରେ କ୍ରୋଏସିଆର ରାଷ୍ଟ୍ର ସଚିବ ଏବଂ ଭାରତର ରାଷ୍ଟ୍ରମନ୍ତ୍ରୀ କର୍ପୋରେଟ ଭାଗିଦାରୀ, ଷ୍ଟାର୍ଟଅପ ଯୋଗଦାନ, ସାଇବର କ୍ଷେତ୍ରରେ ଗବେଷଣା ଓ ବିକାଶ, ପ୍ରତିଭା ଓ କୁଶଳୀ ମାନବ ସମ୍ବଳ କ୍ଷେତ୍ରରେ ସହଯୋଗ, ସାଇବର ସୁରକ୍ଷା ଓ ସାଇବର ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଦୁଇ ଦେଶ ମଧ୍ୟରେ ବହୁ ସ୍ତରୀୟ ଡିଜିଟାଲ ଭାଗିଦାରୀ ବିକାଶର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଦୁଇ ଦେଶର ଷ୍ଟାର୍ଟଅପ ଯୋଗଦାନ କ୍ଷେତ୍ରରେ ଡିସେମ୍ବର 2020 ରେ ଆୟୋଜିତ ହୋଇଥିବା ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ସେମାନେ ସ୍ୱାଗତ କରିଥିଲେ।

4. ଦୃଢ ସାଂସ୍କୃତିକ ସହଯୋଗକୁ ସ୍ୱୀକୃତି ଦେଇ ଉଭୟ ପକ୍ଷ 2021-2022 ମସିହାରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବାର 30 ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ ସାଂସ୍କୃତିକ କ୍ଷେତ୍ରରେ ସହଯୋଗକୁ ଅଧିକ ଦୃଢ଼ୀଭୁତ କରିବାର ଗୁରୁତ୍ୱକୁ ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ କ୍ରୋଏସିଆର ରାଷ୍ଟ୍ର ସଚିବ ଏବଂ ଭାରତର ରାଷ୍ଟ୍ରମନ୍ତ୍ରୀ ସାଂସ୍କୃତିକ ଦଳଗୁଡ଼ିକର ଆଦାନ ପ୍ରଦାନ, ଚିତ୍ରକଳା ଓ ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ସହଯୋଗ କରିବା ଏବଂ କ୍ରୋଏସିଆ ବିଶ୍ୱବିଦ୍ୟାଳୟରେ ଆଇସିସିଆର ବା ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ପ୍ରାୟୋଜିତ ସ୍ୱଳ୍ପକାଳୀନ ଚେୟାର ପ୍ରତିଷ୍ଠା ସମ୍ଭାବନା ଉପରେ ଆଲୋଚନା କରିଥିଲେ।

5. ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ଦୁଇ ପକ୍ଷ ମିଳିତ ଭାବେ ଗବେଷଣା, ସୃଷ୍ଟି ଏବଂ ବିକାଶ କରିବା ନିମନ୍ତେ ଯୋଗ ଦେବା ପାଇଁ ଦୁଇ ଦେଶର ଯୁବକମାନଙ୍କୁ ସୁଯୋଗ ପ୍ରଦାନ କରିବାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଜାଗ୍ରେବ ବିଶ୍ୱବିଦ୍ୟାଳୟ, ରୁଡର ବସ୍କୋଭିକ୍

ଇନଷ୍ଟିଚ୍ୟୁଟ ଏବଂ ମେଡିଟେରାନିଆନ ଇନଷ୍ଟିଚ୍ୟୁଟ ଫର୍ ଲାଇଫ୍ ସାଇନ୍ସ ସହିତ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗକୁ ସଂଯୋଗ କରିବାର ପଦକ୍ଷେପକୁ ସେମାନେ ପ୍ରଶଂସା କରିଥିଲେ।

6. ପର୍ଯ୍ୟଟନ ଉଭୟ ବ୍ୟବସାୟରୁ ବ୍ୟବସାୟ (ବି2ବି) ଏବଂ ପିୟର ଟୁ ପିୟର (ପି2ପି) ଯୋଗଦାନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଉଭୟ ପକ୍ଷ ପର୍ଯ୍ୟଟନ ପ୍ରୋତ୍ସାହନ କାର୍ଯ୍ୟକଳାପର ଆବଶ୍ୟକତାକୁ ସ୍ୱୀକାର କରିଥିଲେ ଯାହା ମହାମାରୀ ଯୋଗୁ ଘୋର ପ୍ରଭାବିତ ହୋଇଛି। ପରସ୍ପରର ପର୍ଯ୍ୟଟନ ସ୍ଥଳୀ ବିଷୟରେ ସଚେତନତା ବଢାଇବା ପାଇଁ ଚଳଚ୍ଚିତ୍ର ଉଦ୍ୟୋଗକୁ ଏକ ମାଧ୍ୟମ ଭାବରେ ଉପଯୋଗ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉଭୟ ପକ୍ଷ ଉଲ୍ଲେଖ କରିଥିଲେ।

7. ଭାରତରେ ଭିତ୍ତିଭୂମି ପ୍ରକଳ୍ପରେ କ୍ରୋଏସିଆ କମ୍ପାନୀଗୁଡିକ ପାଇଁ ସୁଯୋଗକୁ ଭାରତର ରାଷ୍ଟ୍ରମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି ପରିପ୍ରେକ୍ଷୀରେ ରେଳବାଇ, ଜାହାଜ ନିର୍ମାଣ, ପରିବେଶ ଅନୁକୂଳ ପ୍ରଯୁକ୍ତିବିଦ୍ୟା, କୃଷି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ସୁଯୋଗ ଉପରେ ଜୋର ଦିଆଯାଇଥିଲା।

8. କ୍ରୋଏସିଆର ରାଷ୍ଟ୍ରସଚିବ ଏବଂ ଭାରତର ରାଷ୍ଟ୍ରମନ୍ତ୍ରୀ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ହୋଇଥିବା ପରିବର୍ତ୍ତନ ବିଷୟରେ ମତ ବିନିମୟ କରିଥିଲେ। ଏକ ଖୋଲା, ମୁକ୍ତ ଏବଂ ସ୍ଥିର ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ପାଇଁ ସେମାନେ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବିଶ୍ୱ ଶାନ୍ତି ଓ ସମୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଇବା ସହିତ ଏହି ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର 64 ପ୍ରତିଶତ ଲୋକ ବସବାସ କରନ୍ତି। ଯୋଗାଣ ଶୃଙ୍ଖଳା ନେଟୱାର୍କ ସଂରକ୍ଷଣ ଉପରେ ଧ୍ୟାନ ଦେଇ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ୟୁରୋପୀୟ ସଂଘ ରଣନୀତି ପ୍ରସ୍ତୁତ କରିବାରେ କ୍ରୋଏସିଆର ସକ୍ରିୟ ଅଂଶଗ୍ରହଣକୁ ଭାରତ ସ୍ୱାଗତ କରିଛି।

9. ଜାନୁଆରୀ 2021 ରୁ ଭାରତର ଦୁଇ ବର୍ଷର ଅସ୍ଥାୟୀ ସଦସ୍ୟତା ଏବଂ ୟୁରୋପୀୟ ସଂଘରେ କ୍ରୋଏସିଆର ଦୃଢ ସକ୍ରିୟ ଭୂମିକା ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦର ମୁକାବିଲା, ବିଶ୍ୱ ସ୍ୱାସ୍ଥ୍ୟସେବା ସମସ୍ୟା ଏବଂ ସାଇବର ସ୍ପେସ, ନୌବାଣିଜ୍ୟ କ୍ଷେତ୍ର ଏବଂ ମହାକାଶ ଉପରେ ବହୁପକ୍ଷୀୟ ନିୟମ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗରେ ସାଧାରଣ ତଥା ସମ୍ମିଳିତ ଲକ୍ଷ୍ୟ ଅନୁସରଣ କରିବା ପାଇଁ ପାରସ୍ପରିକ ସହଯୋଗ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ସ୍ୱୀକୃତି ପାଇଥିଲା।

**ନୂଆଦିଲ୍ଲୀ**

**ଡିସେମ୍ବର 24, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.